# NATIONAL NEWS BULLETIN (ODIA)

**12 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତୀୟ ନୌସେନାରେ ଆଜି ସାମିଲ ହେଲା ତୃତୀୟ ବୁଡ଼ାଜାହାଜ ବିରୋଧୀ ଯୁଦ୍ଧପୋତ ଆଇଏନ୍‌ଏସ୍‌ ମଙ୍ଗ୍ରୋଲ୍‌

- ସୁପ୍ରିମକୋର୍ଟଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିଛି, କହିଲେ ପ୍ରଧାନ ବିଚାରପତି ଜଷ୍ଟିସ୍‌ ସୂର୍ଯ୍ୟକାନ୍ତ

- ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଓ ଆଧୁନିକୀକରଣ ଉପରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଥିବା ପ୍ରତିରକ୍ଷାମନ୍ତ୍ରୀଙ୍କ ସୂଚନା

- ସାଉଦିଆରବ ବିମାନ ବନ୍ଦର ଉପରେ ଆକ୍ରମଣ ଘଟଣାରେ ଜଣେ ଭାରତୀୟଙ୍କ ମୃତ୍ୟୁ ସୂଚନା

ଏବଂ

- ଶାରଦୀୟ ନବରାତ୍ରର ପ୍ରଥମ ଦିନରେ ଶ୍ରୀ ମାତା ବୈଷ୍ଣୋଦେବୀଙ୍କ ଦର୍ଶନ କଲେ ୪୭ ହଜାରରୁ ଅଧିକ ଶ୍ରଦ୍ଧାଳୁ

---

# ଆଇଏନ୍‌ଏସ୍‌ ମଙ୍ଗ୍ରୋଲ୍‌

ଭାରତୀୟ ନୌସେନାରେ ଆଜି ତୃତୀୟ ବୁଡ଼ାଜାହାଜ ବିରୋଧୀ ଯୁଦ୍ଧପୋତ ଆଇଏନ୍‌ଏସ୍‌ ମଙ୍ଗରୋଲ୍‌ ସାମିଲ ହୋଇଛି । ମୁମ୍ବାଇସ୍ଥିତ ନୌସେନା ଡକ୍‌ୟାର୍ଡରେ ଏହି ଯୁଦ୍ଧପୋତକୁ ନୌସେନାରେ ସାମିଲ

କରାଯାଇଛି । କୋଚିନ୍ ସିପ୍‌ୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ସ୍ୱଦେଶୀ ଯୁଦ୍ଧପୋତ ଉପକୂଳବର୍ତ୍ତୀ ଓ ଅଗଭୀର ସମୁଦ୍ର ଜଳରେ ବୁଡ଼ାଜାହାଜର ଗତିବିଧି ଠାବ କରିବା ଏବଂ ତାହାର ମୁକାବିଲା କରିବାରେ ନୌସେନାର କ୍ଷମତା ବୃଦ୍ଧି କରିବ ।

ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାଇସ୍ ଆଡମିରାଲ୍ ସଞ୍ଜୟ ବତ୍ସାୟନ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଯୁଦ୍ଧପୋତରେ ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପାଦାନ ବ୍ୟବହାର ହୋଇଥିବା ସେ କହିଛନ୍ତି । ଏହା ଭାରତର ଯାନ୍ତ୍ରିକ ଦକ୍ଷତା, ବୈଷୟିକ ପ୍ରଗତି ଓ ଜାତୀୟ ସଂକଳ୍ପର ପ୍ରତୀକ ବୋଲି କହିବା ସହ, ଆଡ୍‌ମିରାଲ୍ ବତ୍ସାୟନ ଚଳିତ ବର୍ଷ ନୌସେନାରେ ୧୦ଟି ଯୁଦ୍ଧଜାହାଜ ସାମିଲ ହୋଇଥିବା ବେଳେ ଆଉ ୮ଟି ଖୁବ୍‌ଶୀଘ୍ର ସାମିଲ ହେବ ବୋଲି ସେ କହିଛନ୍ତି। ୨୦୩୪ ସୁଦ୍ଧା ନୌସେନାର ପ୍ରାୟ ୬୦ ପ୍ରତିଶତ ପ୍ଲାଟଫର୍ମର ହାରାହାରି ବୟସ ୧୦ ବର୍ଷରୁ କମ୍ ହେବ ବୋଲି ଆକଳନ କରାଯାଇଛି ।

ଗୁଜରାଟର ଜୁନାଗଡ଼ ଜିଲ୍ଲାର ଉପକୂଳବର୍ତ୍ତୀ ସହର ମଙ୍ଗରୋଲ୍ ନାମରେ ଏହି ଯୁଦ୍ଧପୋତର ନାମକରଣ କରାଯାଇଛି ।

ଆଧୁନିକ ସାମୁଦ୍ରିକ ସୁରକ୍ଷା ଆହ୍ୱାନର ମୁକାବିଲା ପାଇଁ ନୂତନ ଆଇଏନ୍‌ଏସ୍ ମଙ୍ଗରୋଲ୍‌କୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ସେନ୍‌ସର୍‌ରେ ସଜ୍ଜିତ କରାଯାଇଛି ।

---

## ସିଜେଆଇ-ଇଣ୍ଡିଆବ୍ଲକ୍

ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ସୁପ୍ରିମକୋର୍ଟଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିଛି ଏବଂ ଯେକୌଣସି ସାଧାରଣ ନାଗରିକ କିମ୍ବା ନିର୍ବାଚିତ ସଂସ୍ଥାର ସଦସ୍ୟଙ୍କ ପକ୍ଷରୁ ଆସୁଥିବା ଆବେଦନକୁ ସ୍ୱାଗତ କରାଯିବ । ସେ କହିଛନ୍ତି, ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ନ୍ୟାୟାଳୟର ଦ୍ୱାରସ୍ଥ ହେବାର ଅଧିକାର ରହିଛି ଏବଂ ଆଇନ ଅନୁଯାୟୀ ଯାହା ପ୍ରାପ୍ୟ, ତାହା ପ୍ରଦାନ କରିବା ପାଇଁ ଅଦାଲତ ସେମାନଙ୍କ ଅଭିଯୋଗ ଶୁଣିବେ ବୋଲି ସେ କହିଛନ୍ତି ।

**V/O (CJI)**

ଇଣ୍ଡିଆ ମେଣ୍ଟ ପକ୍ଷରୁ ତାଙ୍କ ସହ ସାକ୍ଷାତ ପାଇଁ କରାଯାଇଥିବା ଅନୁରୋଧ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଗତକାଲି ତାଙ୍କୁ ସାକ୍ଷାତ ପାଇଁ ଏକ ପତ୍ର ମିଳିଥିଲା । ଏହାର ଉତ୍ତରରେ ସେ ଗତକାଲି ରାତିରେ ହିଁ ସାକ୍ଷାତ କରିବା ସମ୍ଭବ ନ ହେବାର କାରଣ ଜଣାଇ ଦେଇଥିଲେ ।

---

## ଭିପି- ଇଣ୍ଟରନ୍ୟାଶନାଲ୍ କୋଅପରେସନ୍

ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ କହିଛନ୍ତି, ପରସ୍ପର ନିର୍ଭରଶୀଳ ବିଶ୍ୱରେ ଆନ୍ତର୍ଜାତୀୟ ସହଯୋଗ କେବଳ କୂଟନୈତିକ ବିକଳ୍ପ ନୁହେଁ, ବରଂ ବିଶ୍ୱଶାନ୍ତି, ସୁରକ୍ଷା ଓ ସମୃଦ୍ଧି ପାଇଁ ଏକ ରଣନୈତିକ ଆବଶ୍ୟକତା । ଆଜି ନୂଆଦିଲ୍ଲୀଠାରେ ଜାତୀୟ ପ୍ରତିରକ୍ଷା ମହାବିଦ୍ୟାଳୟର ୬୬ତମ ପାଠ୍ୟକ୍ରମର ଅଧିକାରୀମାନଙ୍କୁ ସମ୍ବୋଧିତ କରି ସେ ଏହା କହିଛନ୍ତି ।

ବିଶ୍ୱସ୍ତରୀୟ ସହଯୋଗର ମୂଳ ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କ ସାଧାରଣ ସ୍ୱାର୍ଥକୁ ଚିହ୍ନିବା, ସମ୍ମାନ ଦେବା ଏବଂ ତାହାକୁ ସାମୂହିକ କାର୍ଯ୍ୟରେ ପରିଣତ କରିବା। ଜଳବାୟୁ ପରିବର୍ତ୍ତନ ଓ ଆତଙ୍କବାଦ ଭଳି ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

ସେ ଆହୁରି କହିଛନ୍ତି, 'ବସୁଧୈବ କୁଟୁମ୍ବକମ୍' ଭାରତ ପାଇଁ କେବଳ ଏକ ସ୍ଲୋଗାନ ନୁହେଁ। ଅନ୍ୟ ଦେଶରେ ବିପର୍ଯ୍ୟୟ କିମ୍ବା ଦୁଃଖଦ ଘଟଣା ଘଟିଲେ ଭାରତ ପ୍ରଥମେ ସହାୟତାର ହାତ ବଢ଼ାଉଥିବା ଦେଶମାନଙ୍କ ମଧ୍ୟରେ ରହିଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ହେବା ଭାରତର ଲକ୍ଷ୍ୟ, କିନ୍ତୁ ଅନ୍ୟ ଦେଶ ଉପରେ ଆଧିପତ୍ୟ ବିସ୍ତାର କରିବା କିମ୍ବା ସେମାନଙ୍କୁ ନିର୍ଦ୍ଦେଶ ଦେବା ନୁହେଁ; ବରଂ ଭାରତ ଯେପରି ଅନ୍ୟ କୌଣସି ଦେଶର ଚାପରେ ନିଜ ସର୍ତ୍ତରେ ସାଲିସ ନ କରେ, ତାହା ସୁନିଶ୍ଚିତ କରିବା ବୋଲି ସେ ସ୍ପଷ୍ଟ କରିଛନ୍ତି।

## ରାଜନାଥ -ଆତ୍ମନିର୍ଭର

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଗତ କିଛିବର୍ଷ ହେବ କେନ୍ଦ୍ର ସରକାର ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଏବଂ ଆଧୁନିକୀକରଣ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି । ଅସ୍ତ୍ରଶସ୍ତ୍ର ନିର୍ମାଣଠାରୁ ଆରମ୍ଭ କରି ପ୍ରଶିକ୍ଷଣ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆଧୁନିକୀକରଣ କରାଯାଉଥିବା ସେ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଭାରତୀୟ ସେନା ଏବଂ ଖାଦ୍ୟ ନିଗମ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଭାରତ ଏବେ ନିଜ ସୁରକ୍ଷା ପାଇଁ ଆବଶ୍ୟକ ଯନ୍ତ୍ରାଂଶର ଏକ ବୃହତ ଅଂଶ

ଦେଶ ମଧ୍ୟରେ ନିର୍ମାଣ କରୁଛି । ସେ କହିଛନ୍ତି, ସୈନିକମାନଙ୍କୁ ପୁଷ୍ଟିକର ଭୋଜନ, ସଠିକ୍ ଉପକରଣ, ଗୁଣବତ୍ତା ସଂପନ୍ନ ପ୍ରଶିକ୍ଷଣ ଓ ବ୍ୟାପକ ସୁବିଧା ମିଳିବା ଫଳରେ ସେମାନଙ୍କ ମନୋବଳ ବୃଦ୍ଧି ପାଇଛି ।

**(V/O Rajnath)**

---

# ରିଆଦ୍ ଆଟାକ୍

ସାଉଦି ଆରବର ରିୟାଦସ୍ଥିତ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ରବିବାର ପୁଣି ଥରେ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ହୋଇଥିବା କ୍ଷୟକ୍ଷତି ଓ ଆହତଙ୍କ ସମ୍ପର୍କରେ ଆକଳନ କରାଯାଉଥିବା ସାଉଦି ଆରବର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶନିବାର ଦିନ ମଧ୍ୟ  ଏହି ବିମାନବନ୍ଦର ଉପରେ ଆକ୍ରମଣ ହୋଇଥିଲା।

ଏହି ଆକ୍ରମଣରେ ଆହତ ହୋଇଥିବା ୧୧ ଜଣ ଭାରତୀୟଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ରିୟାଦସ୍ଥିତ ଭାରତୀୟ ଦୂତାବାସ ସୂଚନା ଦେଇଛି। ମୃତକଙ୍କ ପରିବାର ପ୍ରତି ଦୂତାବାସ ଗଭୀର ସମବେଦନା ଜଣାଇବା ସହ ମୃତଦେହକୁ ଶୀଘ୍ର ଭାରତ ଫେରାଇ ଆଣିବା ସମେତ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବାକୁ ପଦକ୍ଷେପ ନେଉଛି। ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ଦୂତାବାସର ସୂଚନା ଅନୁଯାୟୀ, ଆହତ ଭାରତୀୟଙ୍କ ମଧ୍ୟରୁ ତିନି ଜଣଙ୍କ ଅବସ୍ଥା ଏବେ ଗୁରୁତର ରହିଛି ।  ଅନ୍ୟ ଦୁଇ ଜଣ ସାଧାରଣ

ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି ଏବଂ ଅବଶିଷ୍ଟ ଆହତଙ୍କୁ ହସ୍ପିଟାଲରୁ ଛାଡ଼ି ଦିଆଯାଇଛି ।

ଅନ୍ୟପକ୍ଷରେ, ସାଉଦି ଆରବର ଦାମ୍ମାମସ୍ଥିତ କିଙ୍ଗ ଫହଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ମଧ୍ୟ ଗତକାଲି ସନ୍ଧ୍ୟାରେ ଆକ୍ରମଣ ହୋଇଥିବା ଜଣାପଡ଼ିଛି । ସେଠାରେ କ୍ଷୟକ୍ଷତିର ଆକଳନ ଓ ସୁରକ୍ଷା ଯାଞ୍ଚ ଚାଲିଛି ।

ଏହି ଆକ୍ରମଣଗୁଡ଼ିକ ପଛରେ ୟେମେନର ହୁତି ଗୋଷ୍ଠୀର ହାତ ଥିବା ଦାବି କରାଯାଇଛି । ସାଉଦି ଆରବର ରିୟାଦ ବିମାନବନ୍ଦର, ଦାମ୍ମାମ ବିମାନବନ୍ଦର ଏବଂ ଦେଶର ପୂର୍ବାଞ୍ଚଳରେ ଥିବା ତୈଳ ଓ ଗ୍ୟାସ୍ ପ୍ରତିଷ୍ଠାନକୁ ଲକ୍ଷ୍ୟ କରି ଚାରିଟି କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରିଥିବା ହୁତି ଗୋଷ୍ଠୀ ଦାବି କରିଛି ।

ଇତିମଧ୍ୟରେ, ସାଉଦି ନେତୃତ୍ୱାଧୀନ ମେଣ୍ଟ ପକ୍ଷରୁ କୁହାଯାଇଛି ଯେ କିଙ୍ଗ ଖାଲିଦ ବିମାନବନ୍ଦର ନିକଟରେ ଏକ କ୍ରୁଜ୍ କ୍ଷେପଣାସ୍ତ୍ରକୁ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ମାଧ୍ୟମରେ ନଷ୍ଟ କରି ଦିଆଯାଇଛି ।

ଅନ୍ୟପକ୍ଷରେ, ୟେମେନର ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ସରକାରଙ୍କ ସମର୍ଥକ ସଶସ୍ତ୍ର ବାହିନୀ ନିଜର 'ଡନ୍ ଅଫ୍ ୟେମେନ୍' ଅଭିଯାନ ଅଧୀନରେ ୧ ହଜାର ୭୩୨ଟି ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ କରିଥିବା ଦାବି କରିଛି । ଏଥିରେ ୯୦୦ରୁ ଅଧିକ ହୁତି ଯୋଦ୍ଧାଙ୍କୁ ହତ୍ୟା କରାଯିବା ସହ ୨୮୭ରୁ ଅଧିକ ସାମରିକ ଯାନ ଓ ଅନ୍ୟାନ୍ୟ ସମ୍ପତ୍ତି ନଷ୍ଟ କରାଯାଇଥିବା ଦାବି କରାଯାଇଛି ।

# ଦିଲ୍ଲୀ ମେଟ୍ରୋ

ନୂଆଦିଲ୍ଲୀରେ ସୁରକ୍ଷାଗତ କାରଣରୁ ଆଜି ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଦିଲ୍ଲୀ ମେଟ୍ରୋର ୬ଟି ଷ୍ଟେସନରେ ଯାତ୍ରୀଙ୍କ ପ୍ରବେଶ ଓ ପ୍ରସ୍ଥାନ ବନ୍ଦ ରହିବ। ଦିଲ୍ଲୀ ମେଟ୍ରୋ ରେଳ ନିଗମ- ଡିଏମ୍ଆର୍‌ସି ପକ୍ଷରୁ ଏହି ସୂଚନା ଦିଆଯାଇଛି। ବନ୍ଦ ରହିବାକୁ ଥିବା ଷ୍ଟେସନଗୁଡ଼ିକ ହେଲା ପଟେଲ ଚୌକ, ଜନପଥ, ରାଜୀବ ଚୌକ, ମଣ୍ଡି ହାଉସ୍, ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ଓ ବରଖମ୍ବା ରୋଡ୍। ତେବେ ଏହି ସମସ୍ତ ଷ୍ଟେସନରେ ମେଟ୍ରୋ ଲାଇନ୍ ପରିବର୍ତ୍ତନ ବା ଇଣ୍ଟରଚେଞ୍ଜ୍ ସୁବିଧା ଉପଲବ୍ଧ ରହିବ ବୋଲି ଡିଏମ୍ଆର୍‌ସି ସ୍ପଷ୍ଟ କରିଛି।

---

# ସେବା ସଂକଳ୍ପ - ଯୋଗ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ଆନ୍ତର୍ଜାତିକ ଯୋଗ ଦିବସ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ ଜାତିସଂଘ ସାଧାରଣ ପରିଷଦରେ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ

ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାପରେ ମିଳିତ ଜାତିସଂଘ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଥିଲା। ୨୦୧୫ ମସିହାଠାରୁ ସାରା ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି। ଫଳରେ ଯୋଗକୁ ବିଶ୍ୱସ୍ତରରେ ସ୍ୱୀକୃତି ମିଳିବା ସହ ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି ଓ ସନ୍ତୁଳିତ ଜୀବନଶୈଳୀ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଛି। **V/O (PM Yoga)**

ଆୟୁଷ ମନ୍ତ୍ରଣାଳୟ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦେଶବ୍ୟାପୀ ସଚେତନତା କାର୍ଯ୍ୟକ୍ରମ, ସାମୂହିକ ଯୋଗାଭ୍ୟାସ ଓ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି। ଏହାଦ୍ୱାରା ଯୋଗକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ହେଉଛି। ଦେବଭୂମି ଉତ୍ତରାଖଣ୍ଡର ଯୋଗ ଓ ଆଧ୍ୟାତ୍ମିକତା ସହ ଗଭୀର ସମ୍ପର୍କ ରହିଛି। ଋଷିକେଶ ବିଶ୍ୱର ଏକ ପ୍ରମୁଖ ଯୋଗ ଓ ଧ୍ୟାନ କେନ୍ଦ୍ର ଭାବେ ପରିଚିତ। ହିମାଳୟ ଓ ଗଙ୍ଗାନଦୀର ଆଧ୍ୟାତ୍ମିକ ପରିବେଶ ଦେଶବିଦେଶର ଲୋକଙ୍କୁ ଆକର୍ଷିତ କରିଥାଏ।

ଏହି ସମୃଦ୍ଧ ପରମ୍ପରାର ପ୍ରଚାର ଓ ପ୍ରସାର ପାଇଁ ଉତ୍ତରାଖଣ୍ଡ ସରକାର ୨୦୨୫ ମସିହାର ଯୋଗ ନୀତି ପ୍ରଣୟନ କରିଛନ୍ତି। ରାଜ୍ୟକୁ ଯୋଗ ଓ ସୁସ୍ଥତା କ୍ଷେତ୍ରରେ ଏକ ଅନ୍ତର୍ଜାତୀୟ କେନ୍ଦ୍ର ଭାବେ ବିକଶିତ କରିବା ଏହି ନୀତିର ଲକ୍ଷ୍ୟ। ଏଥିସହ ୨୦୩୦ ସୁଦ୍ଧା ପାଞ୍ଚଟି ନୂତନ ଯୋଗ କେନ୍ଦ୍ର ବିକଶିତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଯୋଗ ପର୍ଯ୍ୟଟନର ବିକାଶ, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଉତ୍ତରାଖଣ୍ଡର ଯୋଗ ପରମ୍ପରାକୁ ଅନ୍ତର୍ଜାତୀୟ ସ୍ତରରେ ଅଧିକ ପରିଚିତି ଦେବା ଆଶା କରାଯାଉଛି।

ଯୋଗ କେବଳ ଏକ ବ୍ୟାୟାମ ନୁହେଁ, ବରଂ ଏକ ସୁସ୍ଥ ଓ ସନ୍ତୁଳିତ ଜୀବନଯାପନର ମାର୍ଗ। ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ଯୋଗକୁ ବିଶ୍ୱସ୍ତରରେ ସ୍ୱୀକୃତି ଦେବା ସହ ଉତ୍ତରାଖଣ୍ଡର ସମୃଦ୍ଧ ଯୋଗ ପରମ୍ପରା ଏହି ବାର୍ତ୍ତାକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ସିଜେଆଇ ହ୍ୟୁମାନ୍ ରାଇଡ୍ସ

ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହେଲେ ଅଦାଲତ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି। ନୂଆଦିଲ୍ଲୀରେ ଜାତୀୟ ମାନବାଧିକାର ଆୟୋଗର ୩୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି।

ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ମର୍ଯ୍ୟାଦା, ସମାନତା, ସ୍ୱାଧୀନତା ଓ ନ୍ୟାୟ ପ୍ରଦାନର ଅଧିକାର ଦେଇଛି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି। ମାନବାଧିକାର ଆୟୋଗଗୁଡ଼ିକ ଅଭିଯୋଗର ତଦନ୍ତ କରିବା ସହ ବ୍ୟବସ୍ଥାଗତ ତ୍ରୁଟି ଚିହ୍ନଟ କରିବା ଏବଂ ଅବହେଳିତ ରହିଯାଉଥିବା ସମସ୍ୟାଗୁଡ଼ିକୁ ଉପଯୁକ୍ତ ଗୁରୁତ୍ୱ ଦେବା ଉଚିତ ବୋଲି ସେ ମତ ଦେଇଛନ୍ତି।

ଗତ ୩୩ ବର୍ଷ ମଧ୍ୟରେ ଜାତୀୟ ମାନବାଧିକାର ଆୟୋଗ ୨୪ ଲକ୍ଷରୁ ଅଧିକ ମାମଲା ପଞ୍ଜୀକୃତ କରିଥିବାବେଳେ ୨୩ ଲକ୍ଷରୁ ଅଧିକ ମାମଲାର ଫଇସଲା କରିଛି। ଏହାର ନିଷ୍ପତ୍ତି ହାର ୯୮ ପ୍ରତିଶତରୁ ଅଧିକ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ସୂଚନା ଦେଇଛନ୍ତି।

ଏଥିସହ ଏନ୍‌ଏଚ୍‌ଆର୍‌ସି ଇଣ୍ଡିଆ ମୋବାଇଲ୍ ଆପ୍‌ର ଶୁଭାରମ୍ଭ ଦ୍ୱାରା ନାଗରିକମାନେ ସହଜରେ ଅଭିଯୋଗ ଦାଖଲ କରିବା, ତାହାର ସ୍ଥିତି ଜାଣିବା ଏବଂ ଆବଶ୍ୟକ ସୂଚନା ପାଇବାର ସୁଯୋଗ ପାଇବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ହାଜତରେ ନିର୍ଯାତନା ଓ ମୃତ୍ୟୁ, ବନ୍ଧୁଆ ଶ୍ରମିକ, ଶିଳ୍ପ କ୍ଷେତ୍ରରେ ଶୋଷଣ ଏବଂ ଅବହେଳିତ ବର୍ଗଙ୍କ ଅଧିକାର ସୁରକ୍ଷା ଭଳି ମାମଲାରେ ଆୟୋଗର ହସ୍ତକ୍ଷେପ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି ।

---

## ମାତା ବୈଷ୍ଣୋଦେବୀ

ଜମ୍ମୁ-କାଶ୍ମୀରରେ ପବିତ୍ର ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିରରେ ଶାରଦୀୟ ନବରାତ୍ରର ପ୍ରଥମ ଦିନରେ ୪୭ ହଜାର ୩୪୬ ଜଣ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଛନ୍ତି। ତ୍ରିକୂଟ ପାହାଡ଼ରେ ଅବସ୍ଥିତ ଏହି ପବିତ୍ର ପୀଠରେ ନବରାତ୍ର ଆରମ୍ଭରୁ ଭକ୍ତଙ୍କ ବିପୁଳ ସମାଗମ ହୋଇଛି। ନଅ ଦିନ ବ୍ୟାପୀ ଏହି ପର୍ବ ଆରମ୍ଭ ହେବା ସହିତ ମାତା ବୈଷ୍ଣୋଦେବୀଙ୍କ ଆଶୀର୍ବାଦ ଲାଭ ପାଇଁ କଟ୍ରାସ୍ଥିତ ମୂଳ ଶିବିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପହଞ୍ଚିଥିବା ସୂଚନା ମିଳିଛି ।

---